ଶ୍ରୀ ବିନୋଦ ରାଉତରାୟ

ମୌସୁମୀ

(ଗାଦ ଘରର ଦ୍ୱିତୀୟ ଅବଦାନ)

ଶ୍ରୀ ପ୍ରବୋଧ ରାଉତରାୟ

ପ୍ରକାଶକ:
ଗାଦଧର, କାଳିକାପୁର
ପୋ: ପୁରୁଣାହାଟ ଶାଶନ
କଟକ

ପ୍ରଚ୍ଛଦପଟ:
—ଲେଖିମାକାର—
ନିର୍ଦ୍ଦେଶ:
ଅନ୍ନଦାକୁମାରୀ ସାଉତରାୟ
ପ୍ରଥମ ପ୍ରକାଶ—୧୦୦୦
(୧୯୫୧, ଅପ୍ରେଲ୍)
ମୂଲ୍ୟ—ଆଠଅଣା

ମୁଦ୍ରାକର:—
ଶ୍ରୀ ବଶୀଧର ଭୂୟାଁ
ମହାଲକ୍ଷ୍ମୀ ପ୍ରେସ୍
ରାଣୀହାଟ, କଟକ-୧

(ଲେଖକଙ୍କ ଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ)

ଶୁଭେଚ୍ଛା ଓ ଶୁଭାଶୀଷ

ଶ୍ରୀଯୁକ୍ତ କାଳିନ୍ଦୀ ଚରଣ ପାଣିଗ୍ରାହୀ—

... ତମେ ସାଧନା ବଳରେ ସୁନାମ ଅର୍ଜନ କରିବ ମୋର ବିଶ୍ୱାସ ।

ଶ୍ରୀଯୁକ୍ତ ସୋମନାଥ ହୋତୃଶର୍ମା—

... ଆପଣଙ୍କ ଗଦ୍ୟ ଓ ପଦ୍ୟରଚନା ଗ୍ରନ୍ଥ ବାସ୍ତବିକ ଚମତ୍କାର !

ଶ୍ରୀଯୁକ୍ତ ଲକ୍ଷ୍ମୀଧର ନାୟକ—

... ମୌସୁମୀର କେତେକ କବିତା ପଢ଼ିଛି ଏବଂ ସେଥିରେ ମୁଗ୍ଧ ହୋଇଛି ।

ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ମିଶ୍ର—

... ଲେଖା ଆପଣଙ୍କର ସାଧାରଣ କୋଟୀର ନୁହେଁ । ଆପଣଙ୍କୁ ଆଶୀର୍ବାଦ ଜଣାଇବା ମୋର କର୍ତ୍ତବ୍ୟ ।

ଶ୍ରୀଯୁକ୍ତ ଭଗବାନ ପଣ୍ଡା—

... ଜଣେ ତରୁଣ ଲେଖକ ହିସାବରେ ଆପଣଙ୍କ ଲେଖା ଆମ ଆଖିରେ ଆଶାର ଆଲୁଅ ଜାଳି ଦେଉଛି ।

"The year's at the spring,
And day's at the morn;
Morning's at seven;
The hill-side's dew-pearled;
The lark's on the wing;
The snail's on the thorn;
God's in His Heaven—
All's right with the world !"

R. Browning.

ଅଗ୍ରଲେଖା—

ରଚିତ ହୋଇଚି ମୌସୁମୀର କବିତା ଗୁଚ୍ଛ ଯେତେବେଳେ, ମୋ ସ୍ମୃତି ଭିତରେ ଯେତେବେଳେ ପ୍ରାଣ - ପୂର୍ଣ୍ଣିମାର ଜୁଆର ପ୍ରବଳତର ହୋଇ ଉଠିଚି । ଭାଷାର ମାଧ୍ୟମରେ କେବଳ ନିଜର ଗୋରଚନା ଗୋଷ୍ଠୀ ପୂର୍ଣ୍ଣିମାଶ୍ରୀର ସ୍ପର୍ଶ ... ଇଙ୍ଗିତ ... ଆଭାସ ...

ଏତକ କହିପାରେ, ସମୟର ସୀମାରେଖା ଏବଂ ଆତ୍ମିକ ଉଦ୍‌ବୋଧନା ନେଇ ସେମାନେ ଏକ ଆସନରେ ଆସୀନ । ଆଦର୍ଶକୁ ନେଇ ସହଜାତ ବୃତ୍ତି ସହିତ ଜୀବ ଧର୍ମର ପରଂପରାବଦ୍ଧ ଆଦାନ ପ୍ରଦାନର ପ୍ରକାଶକୁ "ପ୍ରେମ" ବା Love ବୋଲି ମୁଁ ବୁଝେଁ । ଈଶ୍ୱର କୁହ ବା ମାନବ କୁହ ସବୁଠାରେ ମୁଁ ମୋର ସଙ୍ଗୀ ଖୋଜାଇଚି । ଆଉ ସେହି ଅଜ୍ଞେୟ ବସ୍ତୁକୁ ଉପଭୋଗ କରିବା ପାଇଁ ଗୋଟିଏ ମାଧ୍ୟମର ଆବଶ୍ୟକ ଏବଂ ମାଧ୍ୟମର ପ୍ରକାର ମଧ୍ୟରୁ "ପ୍ରିୟା" ଅନ୍ୟତମ । ଲୋହିତ ଓ ସବୁଜ ଦୁଇଟିର ଆଣବିକ ଶକ୍ତି, ଏ ଯାବତ୍ ଶିରାଏ ଶିରାଏ ଏକ ଅପରିଲବ୍ଧ ମଗ୍ନ ଚୈତନ୍ୟର ଅନୁସନ୍ଧାନରେ ହୋଇ ଉଠେ ଉନ୍ମତ୍ତ ଏବଂ ଉତ୍‌କ୍ଷିପ୍ତ !!

ଦେଖିବାକୁ ଗଲେ ଏହି ପ୍ରିୟା ମାନସକୁଞ୍ଜ କାମିନୀରୁ ତେଲ ଲୁଣର ସଂସାର କୋଳରେ କୁହେଳି ଧୂସର ଚନ୍ଦ୍ରମସୀ ରଜନୀର ସ୍ୱପ୍ନ ବିଳାସୀ ସଜନୀ ହୁଏ ବାସ୍ତବିକା । ସ୍ତୂପୀକୃତ ଅବର୍ଜନାକୁ ପଛରେ ପକାଇ ଆଲୋକ ଅୟନରେ ଆଗେଇ ଯିବା ସକାଶେ ଶକ୍ତି ସଂଗ୍ରହ କରେ ।

ବଞ୍ଚି ରହିବାର ଦନିଷ୍ଟ ପିପାସା ଅଶ୍ରୁମତୀ ତୀରର ଦ୍ୱିଧାଗ୍ରସ୍ତ ଅକୂଳ କ୍ରନ୍ଦନ ପଛରେ ପଡିରହେ — ସେ ସ୍ଥାଣୁ !!!

ମୋର ପରମ ବନ୍ଧୁ ଶ୍ରୀଯୁକ୍ତ ରଜନୀ କାନ୍ତ ଦାସ ଥରେ କୌଣସି ପ୍ରସଙ୍ଗରେ ଲେଖିଥିଲେ — "କଳାକୁ ଲୁଚାଇବାହିଁ

ପ୍ରକୃତ କଳା ।" କଳାପ୍ରେମୀ କଳାକୁ ଲଗ୍ନଇ ରଖି ତାର ମୁହଁରୁ ଓଢ଼ଣା ଉଠାଇବାରେ ଅନନ୍ଦ ଅନୁଭବ କରେ । କିନ୍ତୁ ଏହି କଳା ପ୍ରଭୁର ମୁହଁରେ ଓଢ଼ଣା ଢାଙ୍କିବାକୁ ଯାଇଁ ଯଦି ବଳକା ଅଂଶକୁ ଛେଦନ କରେ, ତେବେ ସେଠାରେ ଅଜ୍ଞାତ ପୌରୁଷ ଫଣିଣୀ ପରି ଟଙ୍କି ଉଠେ । ପ୍ରିୟା ଯେତେ ସବୁଜ ହେଉ ନା କାହିଁକି, ତାର ଅଧର ରକ୍ତିମାରେ ବିଦ୍ରୁମର ଲୋହିତ ରେଖା ଉକୁଟି ଉଠେ । ସେ ଯାହା ହେଉ ନା କାହିଁକି ମୋର ଏହି ସବୁଜ ଓ ଲୋହିତର ସମିଶ୍ରଣ ଭରା ରଚ୍ଛି କଣ୍ଠ ତଳେ ବଦ୍ଧବାଣୀ ଯେ କେତେ ଦୂର ରସୋତ୍ତୀର୍ଣ୍ଣ ତାର ବିଚାରକ ସ୍ୱୟଂ ମୁଁ ନୁହେଁ । ପାଠକ ସମାଜ ଦାୟ ନିର୍ଣ୍ଣୟ କରିବେ ।

ପୂର୍ବରୁ ଯେତେକ ଦୈନିକ ଆଶା, ବାଣୀ, ନବୀନ ଡଗର ଓ ତରୁଣ ପ୍ରଭୃତିରେ ନିଜପାଇଁ ଗୋଟିଏ ଗୋଟିଏ ସ୍ଥାନ ଦାଣ୍ଡି ଥିଲେ, ସେମାନେ ଏଠାରେ ଠିକ୍ ସେଇ ଭଳି ନଥିଲେ ବି, ମୁଁ କୋଚ୍ଚି ବିଗତ ସହଯୋଗୀ ବନ୍ଧୁମାନଙ୍କ ନିକଟରେ କୃତଜ୍ଞ !

ପ୍ରଣତ

×   ×

×

ଆରବ ସାଗର ଚୁମି—
ଚିର ଅନାହୃତ   ନବୋଢ଼ା ତରୁଣୀ
ଜାଗ୍ରତ ମଉସୁମୀ ।
ଶିହରି ଉଠେ ମୋ   ଧୂସର ଊଷର,
ବଇଶାଖୀ କୋଳେ   ନାଚେ ମର୍ମର,
କଳ କଲ୍ଲୋଳ   ଅମୃତ ଝର,
ରସେ ଭରି ଦିଅ ଭୂମି ।

ହସିଉଠେ ମୋର   ଜୀବନ — ସୁମନ
କଲ୍ୟାଣ ତବ ପାଇ,
ବେଦନା! ମଧୁର   ବନ୍ଧୁ ଦୁଆରେ
ପାଖୁଡା ଫିଟାଏ   ସାରୁଆ ପୁଅରେ,
ନନ୍ଦତ ସେଯେ   ନାଚଇ ନୂଅରେ
ଛନ୍ଦତ ଗୀତ ଗାଇ ।

ପ୍ରସ୍ଫୁଟ ତାର   ଚନ୍ଦ୍ର ଆନନେ
ଚମ୍ପା ଅଧର ହସେ,
ଅନ୍ତରପୁଟ   ସକଳ ହରଷ,
ସରାଣ ରସରେ   ରସାଳ ସରସ,
ବନ୍ଧିଥିଲି ଯା'   ଦୀର୍ଘ ବରଷ
ଅଙ୍କେ ଗୋଟି ଗୋଟି ଖସେ ।

ଝୋପଟର ଡାହ୍ମାର ଗାଢ ଛନ୍ଦିଟିଲେ
ଅଦ୍ୟ ଫଗୁଣ ଫୁଲ
ଆଖି ନିଅ କବ, ଓଷ୍ଠା ହସଇ,
ଦଳି ମଞ୍ଜୁଳ ପଲକେ ଖସଇ,
ସ୍ୱପ୍ନ ଜଡ଼ିମା ଉଡ଼ାଇ ବସଇ
ଯୌବନ ହୁଏ ଧୂଳି ।

ମରଣ ମୁକୁଟ ମଣ୍ଡିଣି ପର
ମସ୍ତକେ ଜୀବନର,
ସେଥିଲାଗି କଣ୍ଠେ ଏଇ ମୋର ମନେ,
ନବ ମଉସୁମୀ, ଗମ୍ଭୀର ଗର୍ଜନେ,
ଧ୍ୱଂସ ଡିଣ୍ଡିମ, ସଂସାର ବନେ
ବିରଚାଉ ସୁଧାଂଶୁର । ···

—o—

ଅଭ୍ୟୁଦୟ

ଅନ୍ଧକାରୀ ତମସ ଟାଳିଚି ସୃଷ୍ଟି,
ପୂର୍ବ ତୋରଣେ ହେମଲେଖା କିରଣି
ଉଦୟ ଊଷାର ଲଲି ।

ମୃତ୍ୟୁ ତଳେ ଯେବେ ନବୀନ ଅଙ୍କୁର ଅଙ୍କ
ମଙ୍ଗଳ ବୀଣା ଅଙ୍ଗନେ ଉଠେ ବାଜି,
ଧ୍ୱଂସ ପଞ୍ଜର ସମାଧି ଉପରେ ଦେଖ,
ନବ-ଜାଗ୍ରତ ବିପିନ ବିତାନେ
ମଳୟର ଅଭିଷେକ ।

ଫୁଲ ମଞ୍ଜରୀ ଗନ୍ଧରେ ହୋଇ ବୋଳି
ପୁଷ୍ପାକୁଳିତା ଲତା ସମୀରେ ଖେଳଇ ଦୋଳି;
ମୁକ୍ତ ଅମ୍ବର ବାତାୟନ ଧାରେ ଧାରେ—
ମୁଗ୍ଧ ଅଳତା ଗୋପନେ ଗୋଳିବେ
ଟାଣି ଯାଏ ଘାଟେ ଘାଟେ ।

ଏଇଭଳି କେତେ ସକାଳ ଯାଇଛି ଗଳି
ଜଗତ ଉପରେ ଯାଏ ଅକାତରେ
ରକ୍ତ ଚରଣୁଁ ଢାଳି ।

ଆଜି........

ଅମ୍ବର ଉରେ କାନ୍ତ କୋମଳ ଉଷା,
ମୁକ୍ତ ମୟୂଖେ ଝଲସି ଉଠେ ତା' ଭୂଷା,
ଧାତ୍ରି ବକ୍ଷର ନୟୁତନ ତମର
ଏବେ— ତୃପ୍ତି ବିହୀନ ତୃଷା ।...

ପଲାଶର ଗୁଚ୍ଛ ସବୁଜ ଗାଲିଚା ପରେ
ଏକାପରେ ଏକ ଗୋଟି ଗୋଟି କୋଟି
ବେଦନା-ବଧୂଳି ଝରେ !!

ଜଗତ ଦୁଆରେ ଶତ ମତବାଦ ଉଠେ
ଅନ୍ଧାର କୋଳେ ଖଦ୍ୟୋତ ଭଳି ଫୁଟେ,
କିନ୍ତୁ ପରାଣ ସହି,
ନର ହୃଦୟ ନୀରବ କହୁଛି
କେହିତ ଯାଉନି କହି ?

ଆଜିର ଅରୁଣୀ ଉଷାର ଉଦୟ ସାଥେ
ନୂତନ ଯୁଗର ସନ୍ଧାନେ ହୁଅ ମାତେ,
ଗାଇବାକୁ ହେବ ନିତ୍ୟ ନୂତନ ଗୀର,
ଗାଇବତ ସଖି ଯୁଗାନ୍ତ କୋଳେ
ଉନ୍ନତ ଉଠେ ଶିର !!!

ସୁନ୍ଦର

ମଧୁ ଚୁମ୍ବନେ ବିବଶ ଅଟବୀ
ଫୁଲ ମଞ୍ଜରୀ ଖେଳଇ ଦୋଳି,
ଚୂତ ମୁକୁଳର ମଧୁ ପିଇ ପୁଣି
ଅବେଗେ କୋଇଲି କୁହୁଇ ବୋଲି ।…

ଉଗ୍ର ନିଦାଘର ଖର ପରତାପେ
କୁସୁମ ଓଜୁଡ଼ି ଯାଉଛି ବନେ,
ବୈଶାଖ ହାଏ ଦାବାନଳ ଜାଳି
ଶଙ୍କା ଜଗାଇ ଜଗତ ମନେ ।…

ତମାଳ ବରଣ ସୁନୀଳ ବାଦଲେ
ରଥ ରଚି ନବ ବର୍ଷା ଆସେ,
କୋଟି ବିଷାଦର ଦୀର୍ଘ-ଶ୍ୱାସେ
କଳାପୀ କଳାପ ଉଜଳି ବାସେ ।…

ପୂର୍ଣ୍ଣ ଚନ୍ଦ୍ରୁଁ ପୀୟୂଷ ଝରାଇ
ରଙ୍ଗିଣୀ ଫୁଲ ଫୁଟାଇ ଗଲେ,
ଅପରୂପ ରୂପ ଶରତ ଭାଣ୍ଡାର
ଶ୍ୟାମଳ କେଦାର କାନନେ ମେଲେ ।…

ବିମଳ ଲଲାଟେ ସକାଳ କୁହୁଡ଼ି
ଭଦ୍ରା ବିଚ୍ଛେଦ ଓଢ଼ଣା ଟାଣି,
ଶୀତ ସବଗେ ପରଶ ଝୁରାଇ
ହୈମନ୍ତିକା ଗୋ ସାଜଇ ରାଣୀ ।…

ସ୍ୱର୍ଗ ପଥର ସ୍ନେହମୟ ସୁରେ
ଗେଣ୍ଡୁ ଫୁଲର ପେଣ୍ଡୁ ଧର
ଧୂସର ଧାନ୍ୟ ଦିଶା ଉଦାସୀରେ
ହେମ ଝଲିଲା ଉଠଇ ଥର । ···

ସବୁ ଗ୍ରହକଣ ଶାଶ୍ୱତ ପୁଣି
ସର୍ବ ଶୋଭାର ମନ୍ଦର,
ଦାରବାର ବହୁ ଅସୁଥିଲେ ଏବେ
ଧରଣୀରେ ଲାଗେ ସୁନ୍ଦର ।

—✺—

ଯୌବନ

ନବ ଜୀବନର ପୁର ପ୍ରାଙ୍ଗଣ ଭର
ନବଜ ବାସନା ଗଉରବେ ଉଠେ ଥର,
ହୃଦୟ ପାଟକ ନିଗାଡ଼ି ପୀରତି- ସାକୀ
ଯଉବନ ଭେଜେ ମୁନ୍ଦରୀ ଯାଏ ଡାକ ।
× × ×
ଡାକି ଯାଏ ସେଗୋ ବନ୍ଧୁ ଦୁଅରେ ଯେବେ
ରହିଯାଏ ତାର ଗୋଲାପୀ ଅଙ୍ଗୁଲି ଦାଗ,
ଅଙ୍ଗୁଳିଟିପା ଧରି ଉଠେ ତାର ତେବେ
ପ୍ରଣୟ ପଥର ସେହିତ ନୂଆ ରାଗ !!
× × ×

ନବ ପଲ୍ଲବନି ଅରୁଣ ପରଶ ଲାଗି
ତରୁଣ ପରାଣେ ତେଜ ସମ୍ଭ୍ରମ ଉଠେ,
ସମ୍ମୁଖେ ଶତ ନୀତର ଶାସନ ତୁଟେ
ସୁପ୍ତ ବାସନା ଧୀରେ ଧୀରେ ଉଠେ ଜାଗି ।

×　　　　×　　　　×

ଫୁଲ୍ଲ ଫାଲ୍ଗୁଣ ପ୍ରଣୟ ନିମେଷ ଧନ
ଜୀବନରେ ଯାଏ ଥରେ ଅଭିଷେକ କରି ?

—✱—

ନୀଳକଇଁ

ଦୁନିଆଁ ଦୁଆରେ ଡାକେ ଜଗାଇ କବିତା
ଲିହି ଅଛ ତୁମେ, ଅପୂର୍ବ ଅମର ଛବିତା'
କବି ବୁକୁ ତଳେ ଉଠାଏ ଉଷାର ସବିତା
ବିଜୁଳି ପକାଏ ପହିଲି ପରଶ ଲଭିତା' ।

ଆଦିମ ଯୁଗରୁ ଧାରାରେ ତୁମେକି କହିଲ ?
ଧରଣୀ ଉରସେ ମଧୁ କଳପନା ବହିଲ,
ଅଶିବକୁ ସେଇ ଶିବାନଳ କୋଳେ ଦହିଲ,
ମୁକୁଳା ଜୋଛନା ନୀଳ ଶିଖୀ ସୁଖ ସହିଲ !

ନୀଳ ଆକାଶରେ ନୀଳ ଶଶୀ ଯେବେ ହସଇ,
ନୀଳ ନୀରେ ସେବେ ନୀଳ କଇଁ ମନ ରସଇ,

ମହାନୀଳିମାରେ ପ୍ରେମନୀଳ ଦିଅଁ ବସଇ,
ଖାଲି ଦୁନିଆଁରେ ମେଦୁର ନୀଳିମା ଖେଳଇ । ...
ମନ ମତାଣିଆ ଭୁଲୁ ଭସାଣିଆ ବରଣୀ
ନୀଳ ଗୌରବେ ଗରବିତ ଆମ ଧରଣୀ;
ଯୁଗ ଯୁଗ ଲାଗି ଧରି ଯଉବନ କରଣି
ନୀଳ କଇଁ ତୁଲେ, ଦେଖାଉଛି ନୀଳ ସରଣୀ !

—❖—

ପଲ୍ଲୀବଧୂ

କମଳା କାହାର ଫୁଟଇ ଗଣ୍ଡେ
ଜବାଫୁଲ କା'ର ବିମ୍ବାଧରେ;
ହସମୁଖା ଭଳି କା ମଧୁ କଣ୍ଠ
ଫଲ୍‌ଗୁ ଲହରେ ପରାଣ ଭରେ,
ସ୍ଥଳ ପଦ୍ମର ପାଦ ଦୁଇକାର
ଦୂବା ନିହାର ବକ୍ଷେ ନିଏ
ରକ୍ଷାର୍ଘ୍ୟ ଥାଳୀ, ଦୁଗ୍ଧମୟୀ କିଏ
ପଲ୍ଲୀ ଛବିରେ ସଜାଇ ଦିଏ;
ଦୋହଲି ଦୋହଲି ମରାଳ ଗମନେ
କଳସୀ କାହାର ବକ୍ଷେ ନାଚେ
ତଡାଗର ବାରି ସରମେ ଲଜାରେ
ପ୍ରତିମା ବକ୍ଷର ପରଶ ଯାଚେ,
ଜୋଛନାର ମାୟା ବୋଳା କାହାଦେହେ

ମଞ୍ଜୁଳେ ଦୋଳେ ଚନ୍ଦ୍ରାହାର,
କାରଗୀତ ଗାଇ ପ୍ରେମେ ଅବଶାଙ୍ଗ
ଭୁଲେ କବି ଯେତେ ଦୁଃଖ ଭାର;
ସୁପ୍ତସ୍ମୃତିତା, ଯଉବନ ବତୀ
ଚଟୁଳା ଜଘନା ପଲ୍ଲୀବଧୂ,
ମାଟି ସରଗର ତେଣାହଣା ପରୀ
ନୟନେ ଶାମୁକ, ବଦନେ ମଧୁ !!

—✡—

ଷୋଡ଼ଶୀ

କିଏ ତୁମେ ଘନ ଯଉବନବତୀ
ଆସିଛ ଆଜି ମୋ ଦୁଆରେ,
ମଲ୍ଲୀକା ସମ ସଉରଭ-ଭାର
ବାନ୍ଧି ପଡ଼ଇ ମୁଆରେ ।
ଲଜ୍ଜ୍ୟା ଲଜ୍ଜାରେ ତପନ କିରଣ
ଥର ଥର ଉଠେ ରଙ୍ଗ ବରଣ
ବନ୍ଧନ ବିପଦ ଦୁଃଖ ମରଣ
ଭାସିଯାଏ ପ୍ରେମ ଜୁଆରେ ।
କିଏ ତୁମେ ଘନ ଯଉବନ ବତୀ
ଆସିଛ ଭଙ୍ଗା ଦୁଆରେ ।
ଅନିମିଷେ ତୁମେ ଅନେଇ ଥାଅଗୋ
ସୁନ୍ଦର ନୀଳ ଗଗନେ

ତରୁଣୀ ଅରୁଣ ବରଣ କିରଣ
ବିଚ୍ଛୁରି ଯାଏ ବଦନେ ।

ବାୟସ କୃଷ୍ଣ କବରୀ ଫଳକେ
ତକ୍ତ ରଜନୀ ତାମସ ଝଲକେ;
ପୁଷ୍ପ ପରାଗ ପରଶେ ଅଳକେ,
ଅଞ୍ଜନ ରେଖା ନୟନେ,
ଅନେଇ ଥାଅଗୋ ଦୂରେ ବହୁ ଦୂରେ
ସୁଦୂର ନୀଳ ଗଗନେ ।

ନରମ ବୟସୀ ସାଇତ ରଖଗୋ
କୋଟି ଧ୍ରୁବ ହୁଅ ଗରବେ,
ଜୀବନର ଶୁଭ୍ର ମଧୁମୟ ଯାମେ
ତନ୍ଦ୍ରି ବିଭୋର ପରବେ ।
ତୁମ ହାସ ନେଇ ଜଗତ ହସଇ
ତୁମ ରସ ନେଇ ଜଗତ ରସଇ,
ମିଳନର କମକୁସୁମ ଖସଇ
ତୁମେ ଗଲେ ରହୁ ନୀରବେ ।

ନରମ ବୁକୁରେ ରଖିବ ସାଇତ
କୋଟି ଧ୍ରୁବ ହୁଅ ଗରବେ ।
ନବ ଯୌବନ ବସନ୍ତକ ପାଇ
ଧୀରପାଦେ ଅସ ନମିଗୋ,
ହୃଦୟ-ଅମଳ-କମଳେ ଉଠଇ
କବିତା-ଶିଶିର ଜମି ଗୋ !

ଅନ୍ତର ଦୋଳା ଅରୂପ ରୂପସୀ
ମାନସ କମଳ ସୁବାସ ଷୋଡ଼ଶୀ,
ପ୍ରେମ ବନ୍ଧୁର ଦମ୍ଭ ପରଶି
କନ୍ଦୁକେ କା ଅଛେ ଭ୍ରମି ଗୋ,
ଏକା ନୂଆଠେରେ ଧନ ଏଇ ବନୀ
ଧୀରେ ପାଦେ ଆସ ନାମି ଗୋ !!

—*—

ପୁଷ୍ପ

ମୁଁ ତ ଗୁନ୍ଥିଥିଲି ନା ତୁମରେ,
ତୁମଠାରେ ଲଭିଲି ଯାହା ବିଧାତାର ବରେ
ମନେ ନା ଅଛେ ଅତୀତର ଫାଗୁଣ ଫଗୁଣେ,
ଜୋଛନା ନିଶାରେ ଘନ ବକୁଳର ମୂଳେ,
ଥିଲେ ଆମେ ଦୁଇ ଜୀବ ଅବାଧ ସପନେ ।
ଜୋଛନା ମଦିର ଭୋଳ ଅତନ୍ଦ୍ର ନୟନେ
ଆକାଶର କେଉଁ ଏକ ସୀମାହୀନ କୋଣେ
ଗୁନ୍ଥିଥିଲି ନିହାରିକା ପ୍ରଣୟ ବିଭୋରେ ।
ଜୀବନର ମୋର ଦୀର୍ଘ କ୍ୟାଲେଣ୍ଡର ସାଥେ
ଲଭିଥିଲି ତୁମରେ ମୁଁ ସେଇ ଗୁନ୍ଧ ରାତେ... ।
ସେ ଧନ ଗୋ,
ଜାଣିନି କେସନେ
ଫୁଟିଥିଲି ପୁଷ୍ପ ସମ ମୋ ଜୀବ-କାନନେ ।

—*—

ମଧୁ ଚନ୍ଦ୍ର

ଶୀତ ଜ୍ୟୋସ୍ନିତ ଚନ୍ଦ୍ର ଅଲୋକେ କୁଆର ରାତି;
ଫୁଟି ଉଠିଥିଲା ନୀଳ କୁବଲୟ ନୟନ ତାର ।
ପଲ୍ଲବିତ ପଟେଳ ଗଣ୍ଡ ଯୁଗଳ ମଧୁରେ ଭରା,
ଅଧର ଭଙ୍ଗେ କରୁଥିଲା ମୋର ପାଗଳ ପରା ।
କଜ୍ଜ୍ୱଳ ରେଖା ରେଖିତ ନୟନୁଁ ବେଭାର ବାଣୀ,
ଶୁଣିବ ଗୋ ନାଥ, ଶୁଣିବ ବେଦନ, ଶୁଣିବ ବାଣୀ !!
ନର୍ତ୍ତନଶୀଳା ଲଳିତ କଟେଷ ମହୁଆ ହାର
ଫେନା ମୁକୁଳିତ ଚେତ୍ରୀ ସଂକେତ ତା ଅଭିସାର ।…
ମଧୁର ମାଖିତ ରକ୍ତ ଅଧରୁ ମାଣିକ ହାସ
ଝରି ପଡୁଥିଲା ଜୋଛନା କୋଳରେ ଲଗାଇ ବାସ ।
ଦେଖିବ ତାରୁ ଛ ଗୁଚ୍ଛ ଚରଣର ମଧୁର ଗୁଳି
ଘାସ ଗାଲିଚାରେ ମଲ୍ଲୀ ପଡ଼ିଏ ଫୁଲରା ଡାଳି !!

× × ×

ଦୂର ପରବାସେ ବାସ୍ତବ ଗୃହେ ଜୀବନ କଟେ,
ଆଜି ଜୋଛନାରେ କୁଞ୍ଜ କୁଟୀରୁ କୋକିଳା ରଟେ ।
ଲଭି ଅବେଷ ଧୀରେ ଚନ୍ଦ୍ର ରଜନୀ ବାହୁରେ ଅତି
ଅବଲୋହିତ ଏ ରେବତୀ ତାହାର ଅଲୋକ ବତୀ ।
ଦୂରେ ଛାୟା ପଥ ମିଳାଏ ଆକାଶେ ଦେଖଇ ମୁହିଁ
ଜୀବନ ଛାଇ ମୋ ମିଳେକି ତା ସାଥେ ଅଲୋକ ଛୁଇଁ ?
ସବୁ ମନେ ହୁଏ ସପନ ପରାଏ ଆଜ ଗୋ ଖାଲି
ଲକ୍ଷ୍ମୀ ସଉଦାର ଜୀବନ ପଟୁକା ସାହାରା ବାଲି ??
ନୀରସ ଜୀବନେ ମନେ ପଡେ ଆଜ ତା କଥା ସବୁ—

ମାଟି ମଣିର   କଳା ବିତ୍ତୀ କଥା   ହୃଦୟ ନାଲ୍ଲ ।
ତଥାପି ଭାବିଲେ ଯେ   ବଜାର ମଝିରେ   ଯୋଗାଏ ଘୁଗ
ଦେଇ ପରିକାଶ   ଅଶ୍ରି ଅଟେ ଗୁଡେ   ସରଳ ପୂର୍ଣ୍ଣ ।
ନକ୍ଷତ୍ର ଜୀବନେ   ଅନାଗତ ସେଇ   ଅଲକ୍ଷ ଛବି
ପଦ୍ମ ଭିତରେ   କଲ୍ୟାଣୀ ମୋଦେ   ସଜାଉ କବି ।

—✱—

ପ୍ରେମାଶ୍ରମ

ମଧୁର ଭଳି   ସୁନ୍ଦର ଓଠେ   ଗୋଧୂଳି ଗୁଡେମ,
କୁନ୍ତଳିଣୀ ନଗା,   କାନ୍ତ ମହିମା,   ଆସିବ ଭୁଡେମ ?
ଅତୀତ ବାରତା,   ଅନାଗତ ଯାତ୍ରା   ଓଁମ୍ବୁ ଧର
ତାଳି ଦେଲେ ଧୀରେ ଉଠିବ କବର   ହାତ୍ର ଅଡି ।...
ଛୁଟିଣ ବୀଣା ତା   ସଜାଡ଼ି ଗଳଦେ   ଗଉରବରେ,
ଦରଦ ଲଘବ   ଝଙ୍କାର ଦେଇ   ଜୀବନ ପରେ;
ଗାଇବ ଗୀତଟି   ଗୁହିଁ ଗୁହିଁ ଦୂରେ   ଆବେଗ ଦେଇ
ଜଡ ଧରଣୀରେ   ବିପୁଳ ବୀବନ   ଅଦ୍ଭିଦ ନୋଇଁ ।

ପ୍ରେମ ଅଶ୍ରମେ   ଗାଇବ ଏ କବି   କବିତା ଗୋଟି,
ଅସମାପ୍ତ ଯେ   ଭୂମିକା ରହିଛି   ପଢ଼ିବ-ନେଲଠି ।
ଅନାଗତ ଯାତ୍ରା   ସମାପନ ହେବ   ଆଗାମୀ କାଳି;
ସ୍ୱର୍ଣ୍ଣ ଗୋଧୂଳି   ଲମ୍ବରେ ଲଭିବ   ଅଜର ଦାଲି !!
କ୍ଷୁଦ୍ର ଅଖିରେ   ସଅଁତ ଭୁମ   ଅକ୍ଳିଷ୍ଟା ଅଶା,
ଅଶ୍ରୁ କୁସୁମେ   ଝଙ୍କି ଉଠେ ତା   ମରମ ଭାଷା;

ଦେହଯଷ୍ଟିରେ କବି ରଚିବ ଅଙ୍ଗ ଛା ମାଙ୍ଗଳିକ
ମଣି ସଉଦାର ଜଗନ କାନନେ ଗାଇବ ପିକ ।
ପ୍ରେମ ଅଶ୍ରୁମେ ପ୍ରେମଲତା ମୋର ଉଠିବ ଡେଇଁ,
ସରସ ଶିଳ୍ପ ଛପେଲା ଉପରେ ଉଁକି ଦେଇ ।

—✱—

ବ୍ୟର୍ଥ ପ୍ରେମ

ନୀରବେ କଟିଛି କେତେ କେତେ ଦିନ
ତୁମ ଅଶେଷ ପଥ ଚାହିଁ ଗୋ,
କେତେ ଯାମିନୀ ଏକୁଲ କଟିଛି
ଉଷ୍ଣ ଲୋତକେ ଧୋଇ ଗୋ !!
ତୁମେ··· କେତେ କି ଦାରୁଣ ବେଦନା ଦହିଛ
ମମ ସ୍ମୃତି ଧରି ବକ୍ଷେ,
ମରମେ ମରମେ ସବୁ ସହିଛ ଗୋ,
ସରମ ଢାକିଲା ବକ୍ଷେ ।
ଆଜ ସଖି,
ଅଭାଗାର ସଙ୍ଗ ଲଭିକି
ମନର ପିପାସା ତୁଟିନି ?
ଭ୍ରମର ଯେ ଫୁଲେ ଅଭିଳାଷ
ବକ୍ଷେ ସେ ଫୁଲ କି ଫୁଟିନି ?
ତରୁଣୀ ଅନ୍ତରେ ପୁଲକ-ଶିହରଣ

ଚାହିନି, କେବେ କହେ। କୁହିନାଁ !
ତେବେ କି ସବୁ ବୃଥା—
ବୃଥା ଏ ଅୟୋଜନ
ବୃଥା ଏ ଅର୍ଘ୍ୟର ରଚନା !!

ଆଜି, ଏ ଅଧୀନର, କାହା ସମାଦର, କାହା ମନଗଢା ଛଳନା ?
କାହା କ୍ଷମାକର ଯାଚନା ???

ବୁଝି ପାଇବ ପ୍ରିୟା,
ପ୍ରେମର ସରୋବରର, ଆଶାର ଶତଦଳ ଫୁଟେ ନା;
ବ୍ୟର୍ଥ ବାସନା···
ବୃଥା ଏ ଅଡମ୍ବର
ବୃଥା ଗୋ ସଙ୍ଗ ସୁଖ କାମନା !!!

—●—

ପ୍ରେମମୟୀ

ଦୋଳାଇ ସର୍ପିଲ ବେଣୀ, ଏଣି କେବେ ଏଣେ ତେଣେ ଚୂହିଁ
ଜୀବନର ରଙ୍ଗଭୂମେ ନାଚଉଠେ ଏକାଏ ଉତ୍ସାଇ ?
ଅତୀତର ଶତ ଅଶ୍ରୁ ଉଚ୍ଛ୍ୱାସରୁ ଲଭିକି ପୂର୍ଣ୍ଣତା,
ପଚାରଇ ଅଜି ମୋରେ ତାହାପ୍ରତି ଅଛି କି ମମତା ??
ଭଙ୍ଗି ଆଉ ମୁଦ୍ରାଦେଇ ପଚାରେ ସେ ପରୋକ୍ଷ ସ୍ୱରରେ—
'ହେବେ କାହା ଛବି ମୋର ପାଏ ପୂଜା ତୁମର ହୃଦରେ ?"

× × ×

ଲଜ୍ଜାସ୍ମିତ ଅଙ୍ଗୁଳୀର ଲେଖିଯାଏ ଲାବଣ୍ୟ ଅକ୍ଷର
ବାଳାରୁଣ ଅଧର ଅଧରୁ ଝରଅସେ ଉଦାର ବିକାର;
ଜୁଆରିତ ଆଶାମୋର ଫେନ ଉଷ୍ଣା ଟେକି ଉଠେ ନଭେ,
ଝରକା ପରଶେ ଉଜି ସବୁ ଫୁଟି ପଲକେ ବିଦ୍ରବେ,
ଇଚ୍ଛାନ୍ୱଏ ଦୁଇ ହାତେ ତୋଳି ଦେଲେ ପାନ ସମ୍ପୁଟେ,
ଜୀବନେ ପିଅନ୍ତି ରସ, ସୁଧାରସ, ଏକ ମୁହୂର୍ତ୍ତିକେ ।
ନୂପୁର ଝିଙ୍କଣା ତାର ମଞ୍ଜୁରିତ କରି ତୋଳେ ଭାଷା,
ସେଇକି ମୋ ପ୍ରେମମୟୀ, ତାର ଲଗି ଅନନ୍ତ ପିପାସା ।

ମୀମାଂସା

(ବିଧୁଂୟର ପ୍ରଶ୍ନକୁ …)

ସଙ୍କିଳା ବନ୍ଧନ ଅର୍ଥ କବଣୀ ଗୋ ନୁହଁଇ ଶୃଙ୍ଖଳ
ଶୃଙ୍ଖଳା ସେ, ସଉଖ୍ୟେସ ଯେଉଁ ଭଳି ତୁମ ଅମ ଘର ।
ତୁମ ବାର ଶ୍ଳେଷ ଫୁଲେ ଅନ ଗାଁ ଲବ୍ଧ ମନୁମାଞ୍ଜି
ନାକରୁ ପଛକେ ପ୍ରୀତି ଜୀବନର ଯଉବନ ଯାଚି,
ଅନଗାଁ ବିଦ୍ୟୁଲତା ତୁମଗାଁ ବାଦଲର ମାଳେ
ମନ୍ତ୍ରଣି ନକରୁ ପଛେ କାନ୍ତ-କାନ୍ତା ନୀବଡ ସୋହାଗେ,
ମୃଦୁଳା ଲସ୍ତ୍ରିବାଳା ନାହିଁ ଗାଉ ଅନନଦୀ ଭଗେ,
ତୁମଗାଁ ଦୁବା ବଧୂ ମଧୁଗାଲେ କମ୍ର "ପଦାବଳୀ"
ରେଖାଯିତ ନାହିଁ କରୁ ଅନଗାଁ ହୈମନ୍ତିକାଛଲ,

ଏଥିପି, ତଥାପି ନାରୀ ବୁଝିବାକୁ ତୁମକୁ ଦେଖାଇବ
ଜଗତରୁ ଜୀବନ ଯେ ଅନାଦିଜ, ନୂଆ ସଞ୍ଜୀବ—
ଜୀବନେ ଯେ ଅଛି ଶେଷ, ଶେଷ ନାହିଁ କିନ୍ତୁ ଜଗତରେ
ତମ୍ର ଅଭିଶାପ ହୁଅ ଦନ୍ନ ଧନ ଏଣୁ ର ମରେ ।
ନମକି ଗୃହେଁ ନା ଟିକେବ ଅମୃତ ନାଣ୍ଡ, ଗିର, ଶଙ୍ଖ,
କେବଳ ଜୀବନ ସ୍ରୂଅ ଅରଜତେ ଶ୍ରୀ ମାଙ୍ଗଳିକ ।
“ଜଗତର ଯତ୍ନ ଶାଲେ ଲକ୍ଷକୋଟି ଲୋକ ସମାଗମ
ଜୀବନର ଅନ୍ତମାଲେ ଲେଦଲ ମୋ ଜଣାଇ ଅଗମ—”
କେତେଦୂର ଏହିକଥା ବୁଝୁଁଟକ କବଣୀ ଗୋ ତୁମେ,
ଅବନୀ ଅମ୍ବର ଏହି ମହାନତ୍ତ୍ୱ, ମହାତଥ୍ୟ ତୁମେ !!
ନିଜକୁ ଅନର ବୁକେ ଥାପି ରଖି, ନିଜବୁକୁ ଭଲେ
ଅନର ମୁକ୍ତିନ ସ୍ଫୂର୍ତ୍ତି ଉପଭୋଗ କରନ୍ତୁ ଜୀବନରେ ।
ଜଲ୍ ଧାଇବାକୁ ଅଟେ ତନ୍ମତୋ ରଙ୍ଗିଲ ରକ୍ତେ
ଜୀମୂତ ଅଞ୍ଜନ ରେଖା ରେଖାସ୍ଥିତା ବାରୁଣୀ ସେ ସତେ ।
ଜନମର ଗୁରୁ ଅର୍ଥ ନାହିଁ ବୁଝୁ ପଛେ ଅନ୍ତର୍ଯାମୀ
ଅବୁଝା, ଅଲଣା ଯାହା, ଜୀବନେସେ ସିଦ୍ଧଠାରୁ ଦାମୀ ।
ଭୁଲଯାଅନି ଗୋ ନାରୀ, କଣ୍ଠାଦ୍ରବ୍ୟ ମଧୁର ସୁଅଦ
ଦେଥାଗାଢ଼ ବାହୁନୀର ସ୍ନିଗ୍ଧ ଚର—ଶ୍ୟାମ ସାଧୁବାଦ ?
ଏହିଠାରେ ମନକହେ କରିବ ସେ ଅସାଧ୍ୟ ସାଧନ
ନମତାର ଧାମ୍ନ ଧର ବିଶ୍ୱଦେବ ଅଭିନବ ଦାନ ।
‘ଅଧରେ ଅରୁଣ ହାସ’ — ଏକ କାମ୍ୟ ହୁଇଟି ଜୀବର
ଛୁର ଅଭୟ ଭଳି ମଧ୍ୟମସ୍ତୁ ଗହ୍ୱରୁ ବିଶ୍ୱର ।
ସେ ବନ୍ଧନ ଅର୍ଥ ନୁହେଁ କବଣୀ ଗୋ ସୁବର୍ଣ୍ଣ-ଶୃଙ୍ଖଳ,
ଶୃଙ୍ଖଳା ସେ, ସଙ୍ଗତ ସେ — ଯେଉଁ ଭଳି ତୁମ ଅମ ଘର ।

ମାନସୀ

ସନ୍ଧ୍ୟା କନକେ କନକିତ ବାସ
କୁସୁମ ଭୂଷିତା ରୂପସୀ,
ଯୌବନବତୀ ପୂର୍ଣ୍ଣା ତଟିନୀ,
ପ୍ରଣୟ ପିଅସୀ ମାନସୀ ।

ଉଷାର ସ୍ୱର୍ଣ୍ଣେ ଗଠିତ ମେଖଳା,
କୋଇଲି କଣ୍ଠେ ବାଜେ ପାଦବଳା,
ଶେତଶତ ଦଳ ସମ ରୂପଭାତ
ନୟନରେ ଯାଏ ଝଲସି ।

ମଞ୍ଜୁଳ ସ୍ମିତ ବଙ୍କିମ ସମ
ଅଙ୍ଗ ତନୁ ଲତା ଭ୍ରମର,
ନିଶ୍ୱାସ ଗନ୍ଧ ମଦିର ମଳୟ
ମାଖି ଭୁଲୁ ଥିଲା ଗୁମର ।

ଅଶ୍ରୁ ଶିଶିରେ ଧୌତ ଅଧର
ରକ୍ତ ଗୋଲାପ ସମ ଥର ଥର,
ହାସ୍ୟ ମଧୁର ଅନନ୍ତ ଶିଳ୍ପୀ
ସ୍ନିଗ୍ଧ ମଧୁର ପ୍ରେମର ।

ସୁର ଉର୍ବଶୀର ପୁଲକ ଓଢ଼ଣୀ
ମନ ସ୍ପନ୍ଦେ ଦେଇ ମଥାରେ
ଛଳ ଛଳ ଭର ନୀଳ କୁବଳୟ
ଆଖିଠାରେ ରଙ୍ଗ ପତାରେ ।

ଧନ୍ୟ ଯଉବନ ଅସ୍ତ ତୁଳ୍ପଟେ
ଫୋଟି କଳପନା ମମ ମୁଷ୍ଟିରେ
ପ୍ରସ୍ଫୁଟ ହୁଅଇ ହୃଦୟ ତନ୍ତ୍ରୀ
ଅଭିମାନ ମିଶା କଥାରେ ।

ନାଗକୁଳଠାରୁ ସରମ ଶ୍ରେୟସ
ରକ୍ଷିତ କାନ୍ତ ଲପନେ,
ଭ୍ରାନ୍ତ ରୂପସୀ ବକ୍ଷୁର ପଣିତେ
ସ୍ନାଅ ସନ୍ଧ୍ୟା ତପନେ ।

ଭାଗ୍ୟ ଗଗନେ ସୁନ୍ଦରୀ ଶଶୀ
ସମାନ ଗୋ ତୁମେ ପ୍ରଥମା ପ୍ରେୟସୀ,
ମନେ ଖେଳୁଥାଅ ପୁଲକେ ପଲକେ
କିବା ଜାଗରଣ, ସପନେ ।

—✻—

ପ୍ରତୀକ୍ଷା

ନିର୍ନିମେଷେ ମୁଁ ରହିଛି ପଥ
ତୁମ ପାଇଁ ଅନଗା ତୁମର ପାଇଁ;
କ୍ଳାନ୍ତ ନୟନ ଶ୍ରାନ୍ତ ହୁଅ
ରହିଛି ତଥାପି ଆଶାରେ ଗୃହିଁ ।

ତୁମେ ଯେ ଆସିବ ଜୀବନ ପଥେ
ପ୍ରଣୟ ପରାଗ ସମ୍ଭାଷେ ବୋଲି,

ଅଧର ପ୍ରାନ୍ତେ କହିବ କଥା
କହିବ ଲବରେ ନୀରବ ବୋଲ୍ ।

ଯେ କଥା କହନ୍ତି କପୋତୀ ଧୀରେ
ନିଧୁ ନିଶୀଥରେ କପୋତ କାନେ,
ତୋଳାଫୁଲମାନେ ଏ କୂଳରୁ କୋଳେ
ବାଇ ଚଢ଼େଇଟି ଦାଇଅ ଗାନେ ।

ସେଇ କଥା ତୁମେ କହିବ ଦିନା,
ତୁମ କଣ୍ଠରୁ ଶୁଣିବ ନୂଆ,
ଛଣା ସୁଧାଭଳି ଫେନିଲ ସେଗୋ
ଦଉଳ ଅମୀୟେ ହୋଇବ ଜୁଆ ।

ଜାନି ମେଚେ ମୁଁ ତୁମରେ ପଶ
ଲୀଳାମୟୀ ଅଗୋ ରହିବ ଗୁହିଁ,
ଗୋଟି ଗୋଟି କଣ କୋଟିଏ ଦନ
ବାଲି-ଶିଳା ପୁରେ ଯାଉଛି ପାନ୍ଥ ।

ସମୀର ଝରାଏ ବକୁଳ ବନ
ଅକୁଳି ଉଠଇ ଅଶାନ୍ତୀ ଛାତ
ଭ୍ରମର ଗାଆର ଗୁଞ୍ଜରଣେ
ଅସୀମ ଆବେଗେ ଉଠଇ ମାତ ।

ଦିଶାହୀନ ଏଇ ସାଗର କୋଳେ
ସୁନୀଳ ତରଳ ଲହରୀ ଭଳି,
ନାଚେଛ କେତେ ଆଶା ଉଠୁଛି ସିନା,
ବେଳା ଭୂମେ ପିଟି ହେଉଛି ଦଳି ।

ଆସିନାହିଁ ତୁମେ, ନ ଆସିବ କି ?
ଚାହିଁ ଚାହିଁ ଦିନ କଟୁଛି ଏଣା,
ତଥାପି ଆଶାରେ ରହିଚି ଚାହିଁ
ସୁଦୂର ସରଣୀ ସରୁଚି କି ନାଁ ?? *

—*—

ବିହାୟସୀ

ଅନ୍ତରୀକ୍ଷେ ବିହରଣଶୀଳା ଶୁଭ୍ର ବଳାକା ପଂକ୍ତି—
ମୋର... ବିହାୟସୀ ବଧୂ ସଜନୀ !...
ନଚାଇଦିଏ ସେ ନରମ ଗାତ୍ରେ
ଚମକାଇ ଶୁଭ୍ର ବସନ ।

ଅନ୍ତରେ ଯେବେ ବେଦନା ବାଦଲ ନଇଁଚି,
ଦିଗାମନ୍ତରେ ଅଶ୍ରୁ-ମେଦୁର ବହୁଚି,
ପହିଲ ଆଷାଢ଼ ଝୀନ ଉରଶୀ ପରଶେ;
ଅସ୍ଥି ଲବଣ୍ୟ, ସେତେବେଳେ ତମେ ସଖୀଗୋ,
ଅସୀମ ଅମ୍ବରେ ପରଶି ଯାଅତ
ପୂର୍ଣ୍ଣିମାର ରାଣୀ ଗୋ,
ଶୁଭ୍ର ବଳାକା ସମ ଖେଳିଯାଅ ହରଷେ;
ଧୂଳି ଧରଣୀର ବନ୍ଧନ କାଟି ନନ୍ଦନ ଶିଖା ବରଷେ !...

---

* ବଙ୍ଗଳାର ପ୍ରଖ୍ୟାତ ଚିତ୍ରଶିଳ୍ପୀ ଦେବେନ୍ଦ୍ରନାଥଙ୍କର "ପ୍ରତୀକ୍ଷା" ଶୀର୍ଷକ ଚିତ୍ରର ଦର୍ଶନରେ ଲିଖିତ ।

କଳା ମେଘ କୋଳେ କାନ୍ତ ବଳାକା
ଅନ୍ତରେ ମୋର ସଜନୀ,
ଖେଳ ଖେଳେ ଦିବା ରଜନୀ,
ସେତ... ସଂସାର ଭୁଲା ବ୍ୟଥିତ କବିର
କୁନ୍ଦ କଳିକା ରଦନୀ !!

ଅନନ୍ତ ଜିଜ୍ଞାସା

ଝିଲ୍ଲୀର ତୁଳି ରଙ୍ଗ ଲଗାଇ ଦେଇ,
ମରମ ମଳୟ ରସରେ ରସାଣି ନେଇ
ଗଢ଼ି ଅଛୁ ତୁମ ପଦ୍ମ ପାଖୁଡ଼ା ଶିଳ୍ପ,
ଝୁଟ କୁଅଁଶିର କନକ ବକ୍ଷ ଚିର
ଛବି ଫୁଟାଇଛ ଚପଳେ,
ସନ୍ଦେହ ଅଛି ଅଛୁ କି ଏଥିରେ କେତେବେ ?

ତୁମେ ନିର୍ଜୀବ, ତୁଚ୍ଛା ତୁଳିରେ ଗଢ଼ା,
ନିଧନ ଭୂମିରେ ସରଳ-ବର୍ଣ୍ଣ ଛଡ଼ା,
ସ୍ଥାଣୁ ଅଚପଳ କଳ୍ପନାଇଁ କେଦେ କଥା,
ଦୁଃଖ ଦେଖିଲେ ହୁଏ ନାଇଁ ବୁକୁ ବଥା,
ଦାଢ଼େ ଭ୍ରମର ଠାଣି,
ଶୁଣାଇ ପାରନି ସମବେଦନାର ବାଣୀ !

ମୋଲାଗି ଜାଣଇ କଷ୍ଟ ତୁମର ଦେହେ
ଫୁଲ୍ଲାଉଠିନ, ଦତାସୀ ଛୁଟିନ ଯେବେ;
ଦେଖୁ ଯାଏ ନାହିଁ ମୋଲାଗି ତୁମର ଲୁହ
ମହାମନ୍ତ୍ରେ ପୋ ଧରନାଇଁ କେବେ ଭଉ;
ତଥାପି ଜାଣେନା କିଅଁ,
ନିବେଦିବା ଲାଗି ତୁମରେ ବଟେସ ମୋ ହିଅ ?

ଲୁମ୍ବନ ଲାଲି ଟିକଣ ଶିବୁକ ପରେ
ପ୍ରୀତି-ଅନୁରାଗ ସରସ ଝରଣା ଝରେ;
କଳା ରଙ୍ଗର ସରୁ ସରୁ ରେଖା ମିଶି
କମଳ ବଳ ଚକ୍ଷୁ ଟେଗା ଯାଏ ଦିଶି;—
ପଲକ ପଡଇ ନାହିଁ
କି ଅଭାସ ପାଇଁ ରହିଥାଏ ମୁଁ ଗୋ ଗୁହିଁ ?

ଖିଲ ଖିଲ ହାସ ଅଧର ଫିଟାଏ ଉଠେ
ବାଗ୍ର ନୟନେ ନିଗ୍ଧ-ହୃଦୟ ପୁଟେ,
ଅପସରି ଯାଏ ଶରତ ଶିଶିରୁ ମସୀ
ଛବିରୁ ଉଠଇ ନବୋଢା ସପ୍ତଦଶୀ;
ତା ହେଲେ ତୁମେକି ସତେ
ମୌନ ରହିବ ଅଜର ଅଲୋକ ପଥେ ?

—✱—

ସ୍ୱପ୍ନ-ବିଳାସୀ ସଜନୀ

ସପନ-କମଳ ସ୍ୱର୍ଣ୍ଣ କୁଞ୍ଜରେ
ଛୁଆଁଇ ଦେଇଚ ସରଗ ଭରେ
ଲୋଟି ପଡ଼ିଚ ମୋ ଘନ ଯଉବନୀ
ରଙ୍କା ନଶିଥିବା ଅଙ୍କ ପଟର ।
ନାଲି କଇଁଭଳି ଓଠ ଦ'ପାଖୁଡ଼ା
ଚନ୍ଦ୍ର ନାଦର ମଦର ଗୁଣି,
ଜୋହ୍ନା ଅଳସେ ଉଲୁସି ଉଠୁଚି—
ଛନ ଛନ ହସ ରହିଚ ଲାଖି !!
ସତ ଦୂଜଅଁଠା ନଅଁଖେଳ ସିନା
କାହୁଁ ଜୀବନର କାବ୍ୟ ଧାର ?
ନସରେ ଉଚ୍ଛ୍ୱ ନୁହଇ ରସାତ,
ଦାରୁଣ ବେଦନା ବଷ ହାର !
ନେଷ ଲାଗି ସଖିଗୋ ଦୂରେଇ ଯାଇଚ
ସୁନା ସମ୍ପଦ ସପନ କୋଳେ,
ମଞ୍ଜରିକା ଭଳି ଅଳିଭ ଅନେ ଯେ—
ଯୌନ ଜୀବନ-କୁସୁମ ଦୋଳେ

କୋମଳ ଚରଣ ଲଘୁ ତାଳେ ଗୁଳି
ସପନ ପୁଷ୍ପରେ ବିଳସେ ସିଏ;
ପାରିଜାତ ଫୁଲ ପାପୁଲି ଉପରେ
ପଲକ ପାତରେ ଖେଳାଇ ନିଏ ।...
ଅନ୍ୟ ନିକଟେ ଭୁଞ୍ଜ ନେଇଲେବି,
ନିଜ ବୁକୁ ତଳେ ମହତମତ,

ସ୍ମିତ-ଅପୂର୍ବ ମୋ ସ୍ୱପ୍ନା ବଧୂର
ଅଧର ଦର୍ଶିଛି ମଧୁର ଅତି ।
ତନ୍ଦ୍ରା ଜଡ଼ିତ ପତା ଯୁଗଗୋଟି
ରହୁ ରହୁ ପୁଣି ଚମକିଲା କି ?
ସପନ ଭିତରେ ମିଳନ ବନ୍ଧନ—
ହୃଦ କେଉଁଠି ରହୁଛି ଲାଗି ?
ଏପରକି ଏକ ଅସ୍ତୁବତା
ସୃଷ୍ଟିଛ ମୋ ପରାଣେ ପ୍ରିୟା ?
ଅଶ୍ରୁ-ହାସର ପିରମିଡ୍‌ ପଟେ
ଦୁଲୁ ଦୁଲୁ ଦୁଲୁ କଟେମ ହୁଏ !!
ବସ୍ତୁ ଜଗତେ କଳ୍ପନା ସନା,
ମନ ଜଗତରୁ ପୀୟୂଷ ଝରେ;
ସପନ କମଳ ଯୁଗ୍ମ ଭୂଲ୍ଲରେ
ଛୁଆଁଇ ଦେଇଛ ସରଗ ଭରେ ।

ନିର୍ଦ୍ଦେଶ

ଅଜବ ମନଗଢ଼ା ମେଣ୍ଟୁର ମଧୁବୋଳା
କଳନା,
ଦାରୁଣ ପରାଜୟ ପରଶ ସାଥେ ପ୍ରିୟା
ଛଳନା !

ସଫଳ ଅୟୋଜନ
ଫୁଲର ପ୍ରୟୋଜନ
ମଞ୍ଜିଲ ପଡେସିନା ନୀରବେ ନିରଜନେ
ନୟନ ଲୁହଧାରେ ଗାଧୋଇ,
ଅସୀମ କୋଳେ ଆମ ସସୀମ ଆହ୍ୱାନ
ସପନ-ସଜପୁଷ୍ପ-ମାଧୋଇ !

ମଉଷ ପବନରେ ଉଡୁଡ଼ି ଅବିରଳ
ଲଭିବା କଅଁ ଅଉ ନୟନ ଛଳ ଛଳ ?
ନିଟୋଳା ପଥଦେଇ ଉଡ଼ିଗୋ ଯିବାଗୁଲ
ବାହାର,'
'ଉଦୟ ଅମ୍ବରେ ମିଳାଇ ଯିବା ଧୀରେ
ଥିବାନି ବନ୍ଧନ କାହାର ।
ନୀବଡ଼ ମୁଦିରର ଅସୀମ ଛାତପଟରେ
ଗଣୀଗୋ ଅବିରଳ ଜୀବନ-ସ୍ପୃଶ ଟରେ,
ପିଇବା ମନଭର ଅତୁଳ ବସ୍ତୁ ମୁଲକେ
ଭୁଲିବା ସଉରଭ ସମାନ ସରସିଜ ମୁଲକେ ;

କୃପାକର ବାରେ

ଏଇଯେ ଅଣିଚ ଗୃମେଲ ଗୁଚ୍ଛ କାର ଲଗି
ଅଗୋ... ଖୋଷା ପରେ ତମ ଖୋସିଦିଏଁ, ଦେଖ,
ତମେତ ସେଥିରେ ଅନୁରାଗୀ ।

ଅସ... ନିଶ୍ୱାସ କୁଅଁଶ୍ରୀ ଶେଜ ଧାରେ ମୋରେ
ସଜୀବ ସପନ ମରତରେ,
ଅସ... କର୍ପୂର ଧୂଳି ଠୁଳ ଯେତେ କର
ଫେଅଣା ରଙ୍ଗ ପଣତରେ ।

ଭମର ସୁନୀଳ କୁନ୍ତଳ ସମ ନିବିଡ଼
ବାଦଲ୍ ଅକାଶେ
ଥରି ଥରି ଉଠେ ଥରେ ଥରେ ଏବେ
ଷିପ୍ର କଠୋର ବତାସେ...
ଦରଧୂଆ ଏଇ ନୃତ୍ତ ଚୂଡା ଗୋ ସୁକୁମାରି
ବାରି ବରଷଣ ବାଦଲ ରଜନୀ ଢାକୁଛି ଗୋପନେ
ଅକ୍ଷିଠାରି । ...

ନୀପତରୁ ମୂଳେ ନିଝରର ଧାର
ଛଳ ଛଳ କା'ର କେଉଁ ଲାଗି
କପୋତ ଚଂଚୁ କପୋତୀର କାନେ...
ନୀଡ଼ ଧାରେ ବସେ ପ୍ରୀତି ମାଗି !!

ସୁରଭିତ ଧୂପ ଧୂମ୍ର ଉଡ଼ିଛି
ଧରଣୀର ନୂଆ ବାହି ପାଇ
ଚୂଲୁ ଚୂର୍ଣ୍ଣାଗୀର ଚପଳା ଚପଳେ ନାଚୁଛି ଗଗନେ
ଥାଇଁ ଥାଇଁ...
ନୂଆ ନୂପୁରର ଝୁପୁରତା
ମୋର... ପରଶେ ଭରଇ ଗନ୍ଧ ବ୍ୟାକୁଳ ମାଦକତା,
ଅତୀତର କେତେ କଥା ଉଠେ ଅଜି ମନେ ମନେ
ସନ ସନ ହୋଇ ଶିକ୍ତ ସମୀର ଛୁଟିଯାଏ —

ପଥ ପାଶେ ଏଇ ଝାଉଁ ବନେ । ......

ହସୁ ତୁମ ଓଠ ଧରି

ନନ୍ଦନ ବନୁଁ ସଦ୍ୟସ୍ଫୁଟ ମନ୍ଦାର ମଞ୍ଜରୀ··· ।

ଅଧର କୋଣରୁ ବିକଶାଅ ସଖି

ସ୍ନେହ ନିକୁଞ୍ଜରେ ହାସ ଫୁଲ,

ନିର୍ମଳ ଏଇ ନିର୍ଜନ ବେଳେ

ମାନି ନିଏ ସବୁ ନିଜ ଭୁଲ !!

ଅସ୍... ଅଟଙ୍କ ଗୋ ମୋର ରସଲତା

ଛିଟିକେ ନଗୃଇ ଅଖିପତା

ଭୀରୁ ଚାହାଁଣି ଭୂରୁ ଗଣ୍ଡୁଳିରୁ ଝରିଆସୁ

ଝରି ମନ କଥା ।

ମନ ମନ୍ଦିରେ ବାଜି ଉଠେ ବେଣୁ ···

ନାଚି ଉଠେ ଦେଖ ଦ୍ୟାବାର ରେଣୁ

ଯୁନା ମଧୁ ବନେ ମାଧବୀ ଗୋ ଏଣୁ

ସୌରଭ ଯୁବ ପଡେ ଝରି

ତୁମ ମୋର ଲାଗି ଅର୍ପିତ ଏପରି

ବାଣୀ ବର୍ଣ୍ଣୁକ ବିଭବସି ।

ଦୂରେ କଲ ରଚି ମିନ ଢାକୁଚିଗୋ,

ବଧୂରୁ ମୋର ପୋଷ ପୋଷ କରି

ପରଶ ରସରେ ଶୋଷୁଚି ଗୋ,

ଫୁଲଝରି ଭଳି ଯାଏ ଯଉବନ ଜଳି ଜଳି

ଯୌବନରେ ପୁଣିକି ଶୋଭା ପାଏ କେବେ

ଏତେ ଅଭିମାନ ଏତେ ଛଳି ??

ଅନଳ ପ୍ରବଳ ତୈଳ ସମାନ ଜ୍ୱଳମାନ ଗୋ ଉଠେଲି ନିଭୁ ନାହିଁ
ଫୁଲ ଶେଜ ମୋର ପୁଷ୍ପିତା ସିନା ଘନ ସନ୍ତାପ କରେ
ହାଇ ହାଇ —
ସଖି ··· ସନ୍ଧ୍ୟା କନକ ବର୍ଣ୍ଣେ···
ଅସ ··· ପୂର୍ଣ୍ଣା ତଟିନୀ
ରୂପସୀ ନଟିନୀ
ଶଙ୍କା ଚକିତ ସ୍ୱର୍ଣ୍ଣେ । ···
ଅଜି ଯଉବନ ଭରା ଅନ୍ତରେ ମମ
ଅଶ୍ରୁ ଉଚ୍ଛୁଳା ପାରବାର···
ନିଦ୍ରା ବିହୀନ ନିଶିଥିନୀ କୂଳେ
ଉଦ୍‌ବେଳି ଉଠେ ଶତ ଧାର,
ଶିଳ୍ପୀ ଶରୀର ସପନଗଢ଼ି ମୋ
ବାଲିଘର ପରି ପଡ଼େ ଭାଜି
ଉଡ଼ା ବଟେଗୋ ଦୟ ତମର
ତସ୍କର ପୁରେର ହେ ସାକ୍ଷୀ । ···
ବଳୟର ପୁରେ ବକୁଳ କୁସୁମ
ସତୃଷ୍ଣ ଫୁଲ୍ଲ ମୁଖ ତୋଳ
ଅଛୁ ଅଛୁ ଆଗୋ ରାଣି,
ଜୁଆଙ୍କର ବାରେ ———
ତେଜ ଇନ୍ଦ୍ରାଣୀ ଦୁର୍ଦ୍ଦମନୀୟ ଅଭିମାନ !!

ଆଗୋ ନର୍ମଦା

ନର୍ମଦା ଅଗୋ, ସ୍ୱର୍ଣ୍ଣ - ମୁକୁର
ଟିଙ୍କି ଦଅଛି ଦସ୍ୱିତା,
ମୃଦୁ କହୋଟିଏ ସ୍ନେହର ଗୋ;
ଜାଗରଣୀ ଯାହା ଏ ମୋର ବୁକୁର
ଅନ୍ତରଟିର ମୋହତା,
କୋମଳ ଦରେଷ ଭରଗୋ ।

ମୋହ୍ୱବ ନୟନ ପିତ୍ତୁଳି ଭିତରେ
ନରେଖା ପରଶ୍ରି ସଜନୀ
ଭମର କାନ୍ତ ଲପନ;
ମମତା - ଦପାଲୀ ଜଳଇ - ସ୍ୱତରେ,
ଛେଦଏ ଅନ୍ଧ ରଜନୀ —
ନଶ୍ବର - ସୁଖ - ସ୍ୱପନ ।

ଚିକଣି ଚିକୁରେ ଗୁନ୍ଥ କଦମ୍ବଟି
ରହିଅଛ ଯାହା ସଜାଡ଼ି
ବାଦଲ ସମାନ କଜଳ,
ଅନ୍ତୁ ଲୁଟେପ ତାର ଦଷ୍ଟ ଭରିଛି
ସବୁ ସନ୍ଦେରଭ ଉଜାଡ଼ି
ବେଦନା - ବାଦଲ ଝଜଳ ।

ଗୌର ଗୋଲପ ରେଣୁରେ ଗୋପନେ
ଅବଗୁଣ୍ଠିକା ତଳେ ଗୋ
ଶୁଭ୍ର କପୋଳେ ଅଳପେ
ପାଣ୍ଡୁର କର ମାଖିଚ ଯତନେ,

କୁଙ୍କୁମ ଟିକା ଟଳେ ଗୋ
ମାଟିଜାବୀ କଥା ଜଳପେ ।

ଅନ୍ତର ଗାଢନ୍ତ ପ୍ରେମ ଯମୁନାର
ସ୍ନିଗ୍ଧ ମଦିର ପାଣିରୁ
ଉଚ୍ଛୁଳି ଉଠେ ବକ୍ଷରେ,
ସୀମନ୍ତତଳେ ଉଦୟ ଉଷାର
ତରୁଣ ତପନ ମଦୀୟ,
ଅଳଙ୍କ ଲକ୍ଷ୍ୟ ଦବାରେ !!

ମୋର ନୟନର ରଙ୍ଗିଲ ରସେ
ପୂର୍ଣ୍ଣା ଗୋ ତମ ପ୍ରତିମା
ବିଶାଳ ବିଶ୍ୱ ଶ୍ରେୟସୀ
ଫିଙ୍ଗି ମୁକୁର ବାରେକ ହରଷେ
ମୋ ନୟନେ ଦେଖ ତନିମା
ସୁନ୍ଦରୀ କଣ୍ଠ ପ୍ରେୟସି !

—❖—

ସମ୍ମୁଖଗାମୀ

ହଜିବାର ଯାହା ହଜଇ ଅନ୍ତ ସାଗରେ
ନିମିଷେ ଟଳାଇ ମରମ ମୁହୂର୍ତ୍ତ ରାଗରେ;
ଲଭି ଯାଏ ତାହା ମନୁଁ ଚିରଦିନ

ମଣିଷ ଜୀବନ ନିତ୍ୟ-ନବୀନ
ଅନାଗତ ପଥ ପରଶ ଆଣଇ ଆଗରେ ··· ।
ଭରହର ତାକୁ ରହିବାକୁ ପ୍ରାଣ ଚାହେଁନା
ଶ୍ରଦ୍ଧା ଦେଖାଇ ପଥ ଅନୁସରି ଧାଏଁନା,
ଜୀବନ ସତ୍ୟେ କରି ଅବହେଳା
ହୃତ ଝପଦ ପିଛୁ ଧରି ଭେଳା
କାଳନଈ ସୁଅ ପ୍ରତିକୂଳେ ବାରେ ବାହେଁନା —।
ଝିଙ୍ଗା ଫୁଲର ସେ ସଉରଭ ଦୋଳା ସରମ
ବାହୁନୀ ବାହୁନୀ ଦହେ ନାଇଁ ଅମ ମରମ,
ଚମକାଇ ଗତ ଛଳନାରେ ଗୃତ
ଅତୀତ ପୂଜନେ ଚିରକାଳ ମାତ
ଦେବାକି ଗୋ ସଖି, ଜାଳିଟପାଞ୍ଜି ଅମ ଧରମ ?
ଅଗରେ ହସୁଚି ସୁନେଇ ସକାଳ ସରସ
ଗତ ଅତୀତରେ ହଜାଇବା କିଅଁ ହରଷ ?
ଅନ୍ଧକାର ଏଇ କୁଜ୍‌ଝାଟିକାଟି
ଦେଖିବା ଅମର କଳ୍ପିତା ମାଟି
ଧରିବ କମିତ ଠାଣି ମହଜୀଯୁ ପରଶ ।
ଅତୀତେ ଅମର ଲାଖିରହୁ କଳା ରଜନୀ
ସମ୍ମୁଖଗାମୀ ଅମେତ ପରଶ ସଜନୀ !
ହାତେ ହାତ ରଖି ଚାଲତେ ଅଗକୁ
କାଳ ପୋଛେ ପଛେ ଚାଲିବା ଦାଗକୁ,
କଣ୍ଠେ ଉଠାଇ ଆଗାମୀ ଦିନର ଭଜନୀ !

ତୀର୍ଥ-ଯାତ୍ରୀ

(୧)

ମିତଣୀ ଅଗୋ ଉଚ୍ଚ କର ମଥା,
ଉଠିଛ ଏଇ ପାହାଡ଼ ଚୂଳ ଯଥା ।
ନୟନେ ଧର ଅଲସ ଝଙ୍କ;
ସପନ କୋଳେ ମୁକୁଳା ଗଣ୍ଡ;
ଅଧର ଅଧେ ହସାଅ ହସ ଲତା;
ମିତଣୀ ଅଗୋ ଉଚ୍ଚ କର ମଥା ।

[୨]

ଜୀବନ ପଥ ତୀର୍ଥ ଯାତ୍ରୀ ସଖି,
ଚାଲୁଚ ସାଥେ ଘେନି ଅଲସ ଆଖି,
ବନ୍ଧୁର ଏ ଅଜଣା ପଥ,
ସେଥିରେ ପୁଣି ଦଦରା ରଥ,
ଭଲ ଲଗେନା ପଚାଣେ ନୀରବତା,
ମିତଣୀ ଅଗୋ, ଉଚ୍ଚକର ମଥା ।

[୩]

କେଉଁଠି ଦେଖିଲେ ସଖି ସୁଷମା ନବ
କୁଞ୍ଜକୋଳେ କୋଇଲି କୁହୁରବ ?
ଗୋଧୂଳି ଭଳି ଆକାଶ କନେ
କେତେକି ଛବି ଉଠଇ ମନେ,
କହିଯାଏ ସେ କୁହୁକ ଦେଶ କଥା
ମିତଣୀ ମୋର ଉଚେ ତୋଳ ମଥା ।

[୪]

ପଲକ ପରେ କୈଉଠି ଉଠେ ହସି
ଅବସାଦର ଅଶ୍ରୁ ବୋଲା ମସୀ ।
ପଲ୍ଲବ ଲୀଳା ବାହୁଣୀ ଉଠେ
ବତାସ ଘାତେ ଦମ୍ଭ ତୁଟେ,...
ଉଚ୍ଛୁଳେ ଖାଲି ପରାଣ ଭରି ବଥା,
ମିତଣୀ ଅଗୋ ଉଛଳର ମଥା ।

(୫)

ଅଗକୁ ଅଛି ତୀର୍ଥ ପଥ ପଣ
ଅଲ୍ପ ରେଖା, ଦୃଷ୍ଟି ସତ ବଣ ?
ମାଇଲ୍ ଦିଅ ଗମ୍ଭିରଲେ
ଭସିଲେ ଅମେ ଅଶ୍ରୁ ଜଳେ
ମିଛରେ ମିନା ଓଦାଇ ଦେବା ପତା,
ମିତଣୀ ଅଗୋ ଉଛଳର ମଥା ।

[୬]

ଉଛଳର ଅନନ୍ତ ମଥା ଏବେ,
ଗଲଣି ଯାହା ଅସିବନି ସେ କେବେ ?
ପୁଲକ ଉଠ ପଲକ ପାତେ
ଗଢ଼ାଏ ପଥ ଦିବସ ରାତେ
ଦିଉଛି ଚାଲ ଯୋଡ଼ ଯାଉଁଳା ଯଥା,
ମିତଣୀ ଅଗୋ ଉଛଳର ମଥା ।